**ନୀଳାମ୍ବର ରଥଙ୍କ**

# ଗୀତି-ଅଭିବ୍ୟକ୍ତି

ଉଦାସିଆ ଏକ ସଞ୍ଜରେ
ତମେ ନାଚୁଥାଅ ମୋ ଆଖିରେ
ସ୍ମୃତିକୁ ମୁଁ ଯେ ଉଖାରି ଉଖାରି
କୁହୁଳୁଥାଏ ବିରହରେ ।

ଦିନେ ବସନ୍ତ ଆସିଥିଲା ପ୍ରିୟା
ସୁରଭିରେ ଭରିଥିଲା ଏ ଦୁନିଆ
ତୁମ କୁହୁତାନେ ହଜିଥିଲି ମୁଁ ଯେ
କାହିଁ ସୁଖର ସେଦିନ କେତେଦୂରେ ।

ମୋର ବିଶ୍ୱାସ ତମେ ଆସିବ
ତମ ନିଃଶ୍ୱାସ ମତେ ଛୁଇଁବ
ମୋର ସପନର ଅଭିସାରିକା ଗୋ
ମୁଁ ଯେ ହଜିଯିବି ତମ ପରଶରେ ।

www.nilambarrath.com, Email: rath.nilambar@gmail.com